New Apostolic Church

# ଧନ୍ୟବାଦ ଅର୍ପଣ ୨୦୨୨

ପ୍ରିୟ ଭାଇ ଓ ଭଉଣୀମାନେ,

ଯେପରି ଆମେ ରବିବାର ୨ ଅକ୍ଟୋବର ୨୦୨୨ରେ ଆମ ଚର୍ଚ୍ଚର ଧନ୍ୟବାଦ ଅର୍ପଣ ଦିବସର ନିକଟବର୍ତ୍ତୀ ହେବାକୁ ଯାଉଅଛୁ, ଆମକୁ ଏକ ଚିନ୍ତା କରିବାର ସୁଯୋଗ ରହିଅଛି, ଯେ ଆମେ କେଉଁ ବିଷୟ ସକାଶେ କୃତଜ୍ଞ ଅଟୁ : ଆମର ବିଶ୍ୱାସ, ପରିବାର, ବନ୍ଧୁ ଓ ଆତ୍ମମାନଙ୍କ ଜୀବନରେ ବହୁଗୁଣ ଆଶୀର୍ବାଦ ।

ପ୍ରାୟତଃ ଆମର କୃତଜ୍ଞତା ଅତୀତ ଓ ବର୍ତ୍ତମାନ ଅନ୍ତର୍ଭୁକ୍ତ କରେ ଯାହା ଈଶ୍ୱରଙ୍କୁ ଧନ୍ୟବାଦ ଦେବାର ଯଥେଷ୍ଟ କାରଣ ପ୍ରଦାନ କରିଥାଏ ।

ମୁଁ ଚାହେଁ ଭବିଷ୍ୟତ ଆଡକୁ ଦୃଷ୍ଟି ଦେବାକୁ ଯାହା ଆମର କୃତଜ୍ଞତା ପାଇଁ ଆହୁରି ଅଧିକ ଯଥାର୍ଥତା ଧାରଣ କରେ । ତ୍ରିବିଧ ପରମେଶ୍ୱର ଆମ ଭବିଷ୍ୟତ ନିମନ୍ତେ ଯାହା ରଖିଛନ୍ତି, ତାହା ଆମ ଜୀବନର ବର୍ତ୍ତମାନର କୌଣସି ବିଷୟ ସହିତ ତୁଳନା କରାଯାଇ ପାରିବ ନାହିଁ । ଆସୁ ଆମେ ଈଶ୍ୱରଙ୍କ ପରିତ୍ରାଣ ଯୋଜନା ବିଷୟରେ ଚିନ୍ତା କରିବା, ଈଶ୍ୱର ପ୍ରକୃତରେ ଆମ ନିମନ୍ତେ ତଥା ମାନବଜାତି ନିମନ୍ତେ ମନରେ କଣ ରଖିଛନ୍ତି । ଈଶ୍ୱର ନିମ୍ନ ବିଷୟ କରିବେ :

୧) ଆମକୁ ତାହାଙ୍କ ସହିତ ସଂପୂର୍ଣ୍ଣ ସହଭାଗିତାକୁ କଢ଼େଇ ନେବେ

୨) ପୁନରୁତ୍ଥିତ ଶରୀର ପ୍ରଦାନ କରିବେ – ସଂପୂର୍ଣ୍ଣ ସିଦ୍ଧ

୩) ଆମକୁ ଖ୍ରୀଷ୍ଟଙ୍କ ସହିତ ସେବା କରିବାର ସୁଯୋଗ ଦେବେ

୪) ଆମକୁ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧ କରିବେ – ତାହାଙ୍କର ପ୍ରତିମୂର୍ତ୍ତି ଓ ସ୍ୱଭାବ

୫) ଆମର ପ୍ରିୟଜନଙ୍କ ସହିତ ପୁଣିଥରେ ସମ୍ମିଳିତ କରାଇବେ

୬) ଆମର ଦୁଃଖ, ଯନ୍ତ୍ରଣା, ପାପ ଓ ମନ୍ଦ ଦୂର କରିବେ ଓ ସଂପୂର୍ଣ୍ଣ ଶାନ୍ତି ପ୍ରଦାନ କରିବେ ଯେଉଁଠାରେ ପ୍ରେମ ରାଜତ୍ୱ କରେ

୭) ଆମକୁ ଏକ ସଂପୂର୍ଣ୍ଣ ନୂତନ ସୃଷ୍ଟି ପ୍ରଦାନ କରିବେ ।

ଆସନ୍ତୁ ସମୟ ଦେବା, ଆମ ଭବିଷ୍ୟତ, ତ୍ରିଏକ ପରମେଶ୍ୱର, ପରିତ୍ରାଣର ଯୋଜନାରେ ନିଜକୁ ତୀବ୍ର ଭାବରେ ବ୍ୟସ୍ତ ରଖିବା, ପ୍ରତ୍ୟେକ ବ୍ୟକ୍ତିର ନିରୂପିତ ସମୟ ବିଷୟରେ , ଆମ ନିମନ୍ତେ ଓ ପ୍ରକୃତରେ ସମସ୍ତ ମାନବଜାତି ନିମନ୍ତେ ଏହାର ଅର୍ଥ କଣ ଅଟେ ଦେଖିବା । ଈଶ୍ୱରଙ୍କ ପ୍ରେମ ତାହାଙ୍କ ପୁତ୍ରଙ୍କୁ ପ୍ରେରଣ କରିବା ଦ୍ୱାରା ପ୍ରମାଣିତ ହେଲା । ଯୀଶୁ ଖ୍ରୀଷ୍ଟ ତୁମ ନିମନ୍ତେ ଓ ମୋ ନିମନ୍ତେ ମୃତ ହେଲେ ଓ ଦେଖାଇଲେ ଯେ ସେ ଆମକୁ ପ୍ରେମ କରନ୍ତି ଓ ତାହାଙ୍କର ଯୋଗ୍ୟତା ଓ ଗୌରବର ଅଂଶୀ କରିବାକୁ ପ୍ରତିଜ୍ଞା କରନ୍ତି ।

ଈଶ୍ୱର ଆମକୁ ସବୁକିଛି ଦେବାକୁ ଓ ଆମର ଭବିଷ୍ୟତକୁ ସୁରକ୍ଷିତ କରିବାକୁ ଚାହାଁନ୍ତି । ଏହାର ପ୍ରତିବଦଳରେ ପ୍ରକୃତରେ ବହୁତ କମ୍ ଆଶା କରନ୍ତି, ଆମଠାରୁ କୌଣସି ମହାନ ବଳିଦାନର ଆବଶ୍ୟକତା କରନ୍ତି ନାହିଁ କେବଳ ଆମର ବିଶ୍ୱାସ, ଭରସା ଓ ତାଙ୍କ ପ୍ରତି ଆମର ପ୍ରେମ ।

ଯେତେବେଳେ ଆମର ପ୍ରେମ ସକ୍ରିୟ ହୋଇଥାଏ ଆମେ ଡ଼ିଭାଇନ ସର୍ଭିସରେ ସହଭାଗୀ ହେବାକୁ ଏକ କଷ୍ଟ ବୋଲି ବିବେଚନା କରିନଥାଉ, ଆମେ ଈଶ୍ୱରଙ୍କ ପ୍ରତି ଓ ଆମର ପ୍ରତିବାସୀ ପ୍ରତି ଆମର ପ୍ରେମକୁ ଏକ ନିର୍ଦ୍ଦିଷ୍ଟ ଢ଼ଙ୍ଗରେ ପ୍ରକାଶ କରିବାର ଉପାୟ ଖୋଜୁ ଓ ଆମେ ଆମର ପ୍ରତିଭା ସହିତ ପ୍ରଭୁଙ୍କ ସେବା କରିବାରେ ସକ୍ରିୟ ହୋଇଥାଉ ।

“ ଖ୍ରୀଷ୍ଟଙ୍କଠାରେ ଏକତ୍ର ” ଏହି ବର୍ଷର ଆଦର୍ଶ ବାକ୍ୟ ଅପେକ୍ଷା ଅଧିକ ଅଟେ । ପର୍ଯ୍ୟାୟକ୍ରମେ ଏହା କିଏ କଣ ଏବଂ କେଉଁଠାରେ ଆମେ ପହଁଞ୍ଚିବାକୁ ଚାହୁଁଛୁ । ଏହା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଅଟେ ଯେଉଁଠାରେ ଆମେ ଖ୍ରୀଷ୍ଟଙ୍କ ସହିତ ଏକତ୍ର ଏକ ଅବସ୍ଥାରେ ଚିରଦିନ ରହିବୁ ।

ଆପଣଙ୍କୁ ଓ ଆପଣଙ୍କର ପ୍ରିୟଜନଙ୍କୁ ଏକ ଆଶୀର୍ବାଦଯୁକ୍ତ ଧନ୍ୟବାଦ ପର୍ବର ଶୁଭେଚ୍ଛା ଜଣାଏ ।

ମାର୍କ ୱିଲ୍

**Thanksgiving**
2 October 2022
Odia